## ସଂକ୍ଷେପରେ

### ରାସ୍ତାରେ ହାତୀ, ଲୋକେ ଭୟଭୀତ

**ନିରାକାରପୁର,୧୫।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସଞ୍ଜ ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାଡ଼ି ଓ ଜମିରେ ପଶି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଛି। ସୋମବାର ସନ୍ଧ୍ୟାରେ ଏହି ବନାଞ୍ଚଳ ଅନ୍ତର୍ଗତ ଭୂଷଣ୍ଡପୁର ସ୍ଥିତ ମା’ଉଗ୍ରତାରା ପୀଠକୁ ଯିବା ରାସ୍ତାରେ ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ଫଳରେ ରାସ୍ତା ଘାଟ ଶୂନଶାନ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ହାତୀକୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

### କାର୍ଯ୍ୟରେ ଯୋଗଦେଲେ ବିଇଓ

**ଟାଙ୍ଗୀ (ଖୋର୍ଦ୍ଧା),୧୫।୧୧(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଥିଲା। ଶିକ୍ଷକ ସଂଘ ପକ୍ଷରୁ ଦାବି ପରେ ଖୋର୍ଦ୍ଧା ବିଇଓଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ତେବେ ସେ କରୋନାରେ ସଂକ୍ରମିତ ହେବା ପରେ ଚିକିତ୍ସା ପାଇଁ ଛୁଟିରେ ରହିଥିଲେ। ଫଳରେ ଶିକ୍ଷକମାନେ ଅକ୍ଟୋବର ମାସର ଦରମା ପାଇ ନ ଥିଲେ। ଏନେଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସୋମବାର ବୋଲଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ.ନିରଞ୍ଜନ ମହାନ୍ତିଙ୍କୁ ଟାଙ୍ଗୀ ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରାଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ୩୫ ଅଭିଯୁକ୍ତ କୋର୍ଟଚାଲାଣ

**ବାଲୁଗାଁ,୧୫।୧୧(ଡି.ଏନ୍.ଏ.):** ବାଲୁଗାଁ ଥାନା ଅଧୀନରେ ବିଭିନ୍ନ ପୁରୁଣା ମାମଲାରେ ଫେରାର ଥିବା ୨ଜଣ ମହିଳା ସମେତ ୨୫ ଜଣ ୱାରେଣ୍ଟିଙ୍କୁ ଗିରଫ କରାଯାଇଛି। ସେହିପରି କୋର୍ଟରେ ବିଚାରାଧୀନ ଥିବା ୧୦ ଜଣ ୱାରେଣ୍ଟିଙ୍କୁ ବାଲୁଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ମହାଲିକଙ୍କ ତତ୍ତ୍ୱାବଧାନରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସର ଏଭଳି ଗିରଫ କାର୍ଯ୍ୟକ୍ରମ ଅପରାଧୀ ଓ ଲୁଟେରାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ରାମଚରିତ ମାନସ ପୂର୍ଣ୍ଣାହୁତି ସମ୍ପନ୍ନ

**ନିରାକାରପୁର,୧୫।୧୧(ଡି.ଏନ୍.ଏ.):** ନିରାକାରପୁର ପଞ୍ଚାୟତ ସ୍ଥିତ ରାମ ମନ୍ଦିର ପରିସରରେ ରାମଦୟା ପରିଷଦ ପକ୍ଷରୁ ୩୯ତମ ରାମଚରିତ ମାନସ ନବାହ୍ନ ପାରାୟଣର ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। କରୋନା କଟକଣା ଯୋଗୁ ଯଜ୍ଞ ମଣ୍ଡପରେ ସୀମିତ ଭକ୍ତମାନେ ଉପସ୍ଥିତ ରହି ଭୋଗ ଲାଗି କରିବା ସହ ଯଜ୍ଞ କୁଣ୍ଡରେ ନଡ଼ିଆ ଆହୁତି ଦେଇଥିଲେ। ଏହି କାର୍ଯ୍ୟକମରେ ରାମଦୟା ପରିଷଦର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

### ବର୍ଷା: ଘରେ ପଶିଲା ଡ୍ରେନ ପାଣି



**ଜଟଣୀ,୧୫।୧୧(ଡି.ଏନ୍.ଏ.):** ସୋମବାର ସନ୍ଧ୍ୟାରେ ଜଟଣୀ ସହର ଓ ପାଖଆଖ ଅଞ୍ଚଳରେ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମା ହେବା ସହିତ ଅନେକ ସ୍ଥାନରେ ଡ୍ରେନ ପାଣି ଲୋକଙ୍କ ଘରେ ପଶିଥିବା ଦେଖିବାକୁ ମିଳିଛି। ଜଟଣୀ ପୌରାଞ୍ଚଳ ୱାର୍ଡ ନମ୍ବର ୫ ରାଜାବଜାର ମଙ୍ଗଳା ମନ୍ଦିର ଅଞ୍ଚଳରେ ଥିବା ମୁଖ୍ୟ ଡ୍ରେନ ସଫା ନ ହେବାରୁ ସାହିରେ ମଇଳା ଜମାହୋଇ ମଶାଙ୍କ ବଂଶ ବୃଦ୍ଧି ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅସରାଏ ବର୍ଷାରେ ଡ୍ରେନର ମଇଳା ପାଣି ଲୋକଙ୍କ ଘରେ ପଶିବା ଯୋଗୁ ଲୋକେ ହଇରାଣ ହେଉଛନ୍ତି ବୋଲି ଯୁବନେତା ଗତେସ୍ୱର ବେହେରା ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀ ଅଧିକାରୀ ଦୃଷ୍ଟି ଦେବାକୁ ସାଧାଣରେ ଦାବି ହେଉଛି।

# ପୋଲିସ ଅବହେଳାରୁ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ଖୋର୍ଦ୍ଧା ଅଫିସ,୧୫।୧୧**

- ଅଭିଯୋଗ ଆଣିଲେ ପରିବାର ଲୋକେ
- ଥାନା ଆଗରେ ମୃତଦେହ ରଖି ଧାରଣା
- ବାକି ଟଙ୍କା ଆଦାୟ ନ ହେବାରୁ ଚାପରେ ରହୁଥିଲେ

ଖୋର୍ଦ୍ଧା ସଦର ଥାନା ପୋଲିସ ସୋମବାର ବୋତଳମା ଗ୍ରାମ ରେଲୱେ ଷ୍ଟେଶନ ନିକଟ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟବସାୟୀଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଟାଉନ ଥାନା ଅନ୍ତର୍ଗତ କୋଣାର୍କ ନଗର ଅଞ୍ଚଳରେ ରହୁଥିବା ବିଜୟ ବେହେରା। ସଦର ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ପୋଲିସର ଅବହେଳାରୁ ବିଜୟ ଆତ୍ମହତ୍ୟା କରିଥିବା ପରିବାରଲୋକେ ଅଭିଯୋଗ ଆଣି ମୃତଦେହ ଟାଉନ ଥାନା ଆଗରେ ରଖି ଧାରଣା ଦେଇଥିଲେ। ଖବରପାଇ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ହେଡକ୍ୱାର୍ଟର ଡିଏସପି ଏସ୍.କେ ପଣ୍ଡା, ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ, ସଦର ଥାନାଧିକାରୀ ଅନିତା ସାହୁ ପ୍ରମୁଖ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି



ଥାନା ଆଗରେ ମୃତଦେହ ରଖି ପରିବାର ଲୋକେ ଧାରଣାରେ ବସିଛନ୍ତି ।

ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ମୃତକଙ୍କ ସ୍ତ୍ରୀ ସସ୍ମିତା ନାୟକଙ୍କ ଅଭିଯୋଗ ଅନୁଯାୟୀ, ଜଟଣୀର ଏକ କମ୍ପାନୀରୁ କୁକୁଡ଼ା ଦାନା ଆଣି ବିଜୟ ବିଭିନ୍ନ ଅଞ୍ଚଳରେ ବେପାରୀଙ୍କୁ ଯୋଗାଉଥିଲେ। ସେ କଟକ, ବନମାଳିପୁର, ବାଘମାରୀ ଅଞ୍ଚଳର ଏକାଧିକ ବେପାରୀଙ୍କୁ ଲକ୍ଷାଧିକ ଟଙ୍କାର ଦାନା ଦେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ କମ୍ପାନୀ ମାଲିକଙ୍କ ନିର୍ଦ୍ଦେଶକ୍ରମେ ବକେୟା ଥିବା ବେପାରୀଙ୍କଠାରୁ ଟଙ୍କା ଆଦାୟ ପାଇଁ ବିଜୟ ବାରମ୍ବାର ଯାଇଥିଲେ ମଧ୍ୟ ଟଙ୍କା ଦେଇ ନ ଥିଲେ। ଟଙ୍କା ଦେବା ପରିବର୍ତ୍ତେ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଅନ୍ୟପଟେ କମ୍ପାନୀ ମାଲିକ ଟଙ୍କା ଶୁଝିବା ପାଇଁ ବିଜୟଙ୍କ ଉପରେ ଚାପ ପକାଉଥିଲେ। ଏନେଇ ବିଜୟ ମାନସିକସ୍ତରରେ ଭାଙ୍ଗି ପଡିଥିଲେ। ନଭେମ୍ବର ୧ରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ବିଜୟ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ନ ଥିଲା। ଶେଷରେ ଆତ୍ମହତ୍ୟା କରିବେ ବୋଲି ବିଜୟ ତାଙ୍କ ସ୍ତ୍ରୀଙ୍କୁ କହିଥିଲେ। ସୋମବାର ବୋତଳମା ରେଲୱେ ଷ୍ଟେଶନ ନିକଟ ଏକ ଗଛରେ ଆତ୍ମହତ୍ୟା କରିଛନ୍ତି। ବକେୟା ନ ଶୁଝି ଧମକ ଦେଉଥିବା ବେପାରୀ, କମ୍ପାନୀ ମାଲିକ ଏବଂ ଟାଉନ ପୋଲିସର ଅବହେଳାରୁ ବିଜୟ ଆତ୍ମହତ୍ୟା କରିଛନ୍ତି ବୋଲି ସସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି।

### ଆତ୍ମହତ୍ୟା ପୂର୍ବରୁ ସ୍ତ୍ରୀଙ୍କ ମୋବାଇଲକୁ ପଠାଇଥିଲେ ଫଟୋ

ବିଜୟଙ୍କ ଶାଳକ ବାଳକୃଷ୍ଣ ନାୟକ କୁହନ୍ତି, ରବିବାର ବିଜୟ ଘରୁ କେଉଁଆଡେ ପଳାଇଯାଇଥିଲେ। ସେ ବେକରେ ରଶି ଲଗାଇ ଏକ ଫଟୋ ସନ୍ଧ୍ୟାରେ ଭଉଣୀର ମୋବାଇଲ ଫୋନକୁ ପଠାଇଥିଲେ। ଏନେଇ ରବିବାର ସନ୍ଧ୍ୟାରେ ଫଟୋ ସମ୍ପର୍କରେ ଥାନାରେ ଜଣାଇଥିଲୁ। ତାଙ୍କର ସନ୍ଧାନ ପାଇଁ ଅନୁରୋଧ କରିଥିଲୁ। ପରିବାର ଲୋକେ ମିଶି ଖୋଜ, ପୋଲିସ କ’ଣ କରିବ ବୋଲି କହି ଫେରାଇ ଦେଇଥିଲେ।





ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ଟ୍ରେନ ପାଇଲଟ ଏବଂ ସହାୟକ ପାଇଲଟ ସୋମବାର ୯ଦଫା ଦାବିରେ ଧାରଣାରେ ବସିଛନ୍ତି।

# ୯ଦଫା ଦାବିରେ କ୍ରୁକଣ୍ଟ୍ରୋଲର କାର୍ଯ୍ୟାଳୟ ଆଗରେ ଧାରଣା

**ଜଟଣୀ,୧୫।୧୧(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ଟ୍ରେନ ପାଇଲଟ ଏବଂ ସହାୟକ ପାଇଲଟ ସୋମବାର ୯ଦଫା ଦାବିରେ କ୍ରୁକଣ୍ଟ୍ରୋଲର କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଟ୍ରେନରେ କାର୍ଯ୍ୟ କଲାବେଳେ ପୂର୍ବରୁ ଲାଇନ ବାକ୍ସର ବ୍ୟବସ୍ଥା ରହିଥିବା ବେଳେ ବର୍ତ୍ତମାନ ଟ୍ରଲି ବ୍ୟାଗରେ ସମସ୍ତ ଜରୁରୀ ସାମଗ୍ରୀ ନେବା ବ୍ୟବସ୍ଥା ବନ୍ଦ କରିବା, ଦୈନିକ ୧୨୦କି.ମି. ମାଇଲେଜର ଭତ୍ତା ପ୍ରଦାନ, ୯ଘଣ୍ଟା କାର୍ଯ୍ୟ କରିବା, ରାତ୍ରିକାଳୀନ ଭତ୍ତା ଉପରେ ଥିବା ସୀମାକୁ ରଦ୍ଦ କରିବା, ଚାଳକ ବିଶ୍ରାମ ଗୃହର ଉନ୍ନତି, ବକେୟା ଓଟି ପ୍ରଦାନ, ପୁରାତନ ପେନଶନ ବ୍ୟବସ୍ଥା ଲାଗୁ କରିବା ଓ ରେଲୱେର ବିଭିନ୍ନ ବିଭାଗର ଘରୋଇକରଣକୁ ବିରୋଧ କରି ଧାରଣା ଦେଇଥିଲେ। ଆସନ୍ତା ୨୩ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଟ୍ରେନ ପାଇଲଟ ଓ ସହ ପାଇଲଟ ଧାରଣା ଦେବେ ବୋଲି ଅଲ ଇଣ୍ଡିଆ ଲୋକୋ ରନିଙ୍ଗ ଷ୍ଟାଫ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଧାରଣାରେ ସଂଘର ମଣ୍ଡଳ କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ମହାନ୍ତି, ସମ୍ପାଦକ ଗୁଣନିଧି ମହାନ୍ତି, ପ୍ରଦୀପ ମହାନ୍ତି, ପ୍ରଫୁଲ୍ଲ ଦାସ, ରାକେଶ ମହାନ୍ତିଙ୍କ ସହିତ ଭାଉ ସଂଘ ପଦାଧିକାରୀ ଓ କର୍ମୀ ଉପସ୍ଥିତ ଥିଲେ।

# ‘ଛାତ୍ରୀଛାତ୍ର ଗବେଷଣାତ୍ମକ ମନୋବୃତ୍ତି ନେଇ ଅଧ୍ୟୟନ କରନ୍ତୁ’

**ଓଡ଼ିଶା ଗବେଷଣା ସମ୍ମିଳନୀ ଉଦ୍‌ଯାପିତ**

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଦେଶର ପ୍ରତ୍ୟେକ ନାଗରିକ ହେଉଛନ୍ତି ଗବେଷକ। ପ୍ରତି ଗବେଷଣା ଲୋକଙ୍କ ଉପକାର ପାଇଁ ଉଦ୍ଦିଷ୍ଟ। ତେଣୁ ପୁରାତନରୁ ନୂତନଯୁଗ ପର୍ଯ୍ୟନ୍ତ, ନିଆଁର ବ୍ୟବହାରଠାରୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ, ସବୁଥିରେ ଗବେଷକଙ୍କ ଅବଦାନ ରହିଛି। ଛାତ୍ରୀଛାତ୍ର ଗବେଷଣାତ୍ମକ ମନୋବୃତ୍ତି ନେଇ ଅଧ୍ୟୟନ କଲେ ଗବେଷଣା କ୍ଷେତ୍ରରେ ଆମ ବିଶ୍ୱବିଦ୍ୟାଳୟଗୁଡ଼ିକ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ଭବନରେ ଚାଲିଥିବା ‘ଓଡ଼ିଶା ଗବେଷଣା ସମ୍ମିଳନୀ–୨୦୨୧’ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଲେ, ଏବେ ପିଲାମାନେ ବିଷୟ କୈନ୍ଦ୍ରିକ ହେଉଛନ୍ତି। ସେମାନଙ୍କ ମଧ୍ୟରେ ନୈତିକ ଓ ମୂଲ୍ୟବୋଧ ହ୍ରାସ ପାଉଛି। ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ‘ନୈତିକ ଓ ମୂଲ୍ୟବୋଧ’ ଭିତ୍ତିକ ପାଠ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ପାଠ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ନୂଆ ଦିଶା ଦେଖାଇବା ସହ ଆନ୍ତଃବିଷୟକ ଗବେଷଣା କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହୋଇପାରିବ।

ଉତ୍କଳ ବିଶ୍ୱବିଦ୍ୟାଳୟ, ଉଚ୍ଚଶିକ୍ଷା ବିଭାଗ ଏବଂ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି ସମ୍ମିଳନୀରେ ଜେଏନ୍‌ୟୁ ନୂଆଦିଲ୍ଲୀର ଉପକୁଳପତି ପ୍ରଫେସର ଚିନ୍ତାମଣି ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ଗବେଷକ ବୋଲି କହିଥିଲେ। ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର କହିଲେ, ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ଅର୍ଥର ଅଭାବ ରହିବ ନାହିଁ। ଏହି ସହାୟତା ରାଶି ୫ଲକ୍ଷରୁ ୭ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଅଧିକ ଦରକାର ହେଲେ ସରକାର ଅର୍ଥ ଯୋଗାଇଦେବେ ବୋଲି କହିଥିଲେ। ପ୍ରଫେସର ଅଶୋକ ଦାସ ରାଜ୍ୟ ସରକାରଙ୍କ ଗବେଷଣାତ୍ମକ ଯୋଜନା ସମ୍ପର୍କରେ କହିଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ୨୦୧୯–୨୦୨୦ ଶିକ୍ଷାବର୍ଷରେ ୪୦ ଶିକ୍ଷକ ଓ ୧୩ ଏନ୍‌ଇଟି ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ ଏବଂ ୨୦୨୦–୨୧ରେ ୪୦ ଶିକ୍ଷକଙ୍କ ସହ ୩୭ ଏନ୍‌ଇଟି ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ସମ୍ମାନିତ ହୋଇଥିଲେ।



ମନ୍ତ୍ରୀ ଅରୁଣ ସାହୁ ଉଦ୍‌ବୋଧନ ଦେଉଛନ୍ତି।

# ବର୍ଷା ଉଜାଡ଼ିଦେଲା ଧାନ ଫସଲ

**ବାଣପୁର,୧୫।୧୧(ଡି.ଏନ୍.ଏ.)**

କିଛି ଦିନ ପରେ ଚାଷୀ ଧାନ କାଟି ଖଳାକୁ ଆଣିବାକୁ ଥିବା ବେଳେ ଲଘୁଚାପଜନିତ ବର୍ଷା ଯୋଗୁ ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର କ୍ଷେତରେ ପାଣି ଜମିଯିବାରୁ କଟା ଧାନ ଗଜା ହେବା ସହ କେତେକ ସ୍ଥାନରେ ପାଣି ସୁଅ ଚାଲିଛି। ଫସଲ ଉଜୁଡିଯିବା ଆଶଙ୍କା ଚାଷୀଙ୍କୁ ଚିନ୍ତା ଘାରିଛି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। କୁମାରାଙ୍ଗ, ଗାଳୁଆ, ନନ୍ଦପୁର, ଭେଟେଶ୍ୱର, ଡୁମୁରାପୁଟ, ଭବାନିପୁର, ଦେଓଗାଁ, ଗମ୍ଭାରୀମୁଣ୍ଡା, ଆୟତପୁର ଆଦି ପଞ୍ଚାୟତର ଶତାଧିକ ଏକର ଜମିରେ ବର୍ଷା ପାଣି ଯୋଗୁ ଧାନ ଫସଲ ନଷ୍ଟ ହୋଇଛି। ଏ ନେଇ ଦେଓଗାଁ, ଗମ୍ଭାରୀମୁଣ୍ଡା, ଗାଲୁଆ, ଭେଟେଶ୍ୱର, ଡୁମୁରାପୁଟ ଓ ବିଷ୍ଣୁଡିହ ପଞ୍ଚାୟତର ଚାଷୀମାନେ ଧାନର ସ୍ଥିତିକୁ ନେଇ କୃଷି ଅଧିକାରୀଙ୍କ ସମେତ ବାଣପୁର ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ଅନେକ ଚାଷୀ ଋଣ କରି ଫସଲ କରିଥିବା ବେଳେ ଅମଳ ସମୟରେ ବର୍ଷା ଚାଷୀକୁଳକୁ ହତାସ କରିଦେଇଛି। କେତେକ ସ୍ଥାନରେ କଟା ଧାନ ଗଜା ହୋଇଛି ତ ଆଉ କେତେକ ଜାଗାରେ ପାଣିରେ ଭାସୁଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।



ଚାଷୀମାନେ ନଷ୍ଟ ହୋଇଥିବା ଧାନ ଫସଲ ଦେଖାଉଛନ୍ତି।

# ନାବାଳିକାଙ୍କୁ ଅପହରଣ: ଯୁବକ ଗିରଫ

**ଝାଁଳା,୧୫।୧୧(ଡି.ଏନ୍.ଏ.)**

ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଝାଁଳା ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ବାବୁଲା ନାୟକ(୨୩)। ସୂଚନା ମୁତାବକ, ନାବାଳିକାଙ୍କୁ ନିଜ ପ୍ରେମ ଜାଲରେ ଫସାଇ ବାବୁଲା ଗତ ୩ ତାରିଖରେ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ମା’ ଝାଁଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ବାବୁଲାଙ୍କୁ ଗିରଫ କରିଥିଲା।

### ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ



**କୃଷ୍ଣପ୍ରସାଦ,୧୫।୧୧(ଡି.ଏନ୍.ଏ.)**

ଚିଲିକାରୁ ଘେରି ଉଚ୍ଛେଦ ପରେ ପୁରୀ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ତହସିଲ ଅଞ୍ଚଳରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ସୋମବାର ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଗୌରିସାହି ଅଞ୍ଚଳରୁ ୭୭ ଡିସିମିଲି ଜାଗାରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଛି। ଉଚ୍ଛେଦ ଲାଗି ୨୦ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ରାଜସ୍ୱ ସୁପରଭାଇଜର ମଧୁସୂଦନ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଜ୍ୟୋତି ରଞ୍ଜନ ବେହେରା, ରାଜସ୍ୱ ବିଭାଗ କର୍ମଚାରୀ ପ୍ରମୁଖ ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ କୃଷ୍ଣପ୍ରସାଦ ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରକାଶ ଯେ, ଏହି ଅଞ୍ଚଳର କେତେଜଣ ଚାଷୀ ସରକାରୀ ଓ ନିଜସ୍ୱ ଜମିରେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ବେଆଇନ ଭାବେ ଚିଙ୍ଗୁଡି ଚାଷ କରିବା ଦ୍ୱାରା ଧାନ ଫସଲ ଉପରେ କୁପ୍ରଭାବ ପଡୁଥିବା ନେଇ ଅଭିଯୋଗ ହେଉଥିଲା। ଦୀର୍ଘଦିନ ପରେ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି।

### ଶୈବପୀଠରେ ୧୪୪ ଧାରା

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୫।୧୧ (ଡି.ଏନ୍.ଏ.)**

କରୋନା ମହାମାରୀକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଉପଜିଲାପାଳ ଆଇ ଗୌରବ ଶିବାଜୀ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଶୈବପୀଠରେ ୧୪୪ ଧାରା ଜାରି କରିଛନ୍ତି। ମଙ୍ଗଳବାରଠାରୁ ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। କାର୍ତ୍ତିକ ପୂର୍ଣ୍ଣମୀରେ ଖୋର୍ଦ୍ଧା ସହର ପ୍ରମୁଖ ଶୈବପୀଠ ଧବଳେଶ୍ୱର, ସ୍ୱପ୍ନେଶ୍ୱର, ଗୋଡାସ୍ଥିତ ଲୋକୋନାଥ ଦେବ, ବାଘମାରୀ ହଟ୍ଟକେଶ୍ୱରଙ୍କ ସମେତ ସମସ୍ତ ଶୈବ ପୀଠରେ ପ୍ରବଳ ଭିଡ ଜମିଥାଏ। ଏକ ମାସ ଧରି ଚାଲିଥିବା କାର୍ତ୍ତିକ ବ୍ରତ ପୂର୍ଣ୍ଣମୀରେ ସମାପନ ହେବ। ବ୍ରତଧାରୀମାନେ ଭୋରରୁ ସ୍ନାନ ସାରି ବୋଇତବନ୍ଦାଣ କରି ମନ୍ଦିରରେ ଦିଅଁ ଦର୍ଶନ କରିଥାନ୍ତି। ପୂର୍ଣ୍ଣମୀରେ ବଡ଼ଓଷା ଲାଗି ବିଭିନ୍ନ ଶୈବପୀଠରେ ଭିଡ ହୋଇଥାଏ।

କୋଭିଡ୍‌କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। କରୋନା ପାଇଁ ଚଳିତ ବର୍ଷ ବଡ଼ଓଷା ଫିକା ପଡିବ। ବିନା ଭକ୍ତରେ କୋଭିଡ୍ ନିୟମ ପାଳନ ପୂର୍ବକ ସ୍ୱଳ୍ପ ସଂଖ୍ୟକ ସେବାୟତ, ପୂଜକଙ୍କୁ ନେଇ ରୀତିନୀତି ପାଳନ କରାଯିବ। ସ୍ଥାନୀୟ ଅଞ୍ଚଳରେ ପୋଲିସ, ତହସିଲଦାରମାନେ କୋଭିଡ୍ ଗାଇଡ୍‌ଲାଇନ କଡାକଡ଼ି ପାଳନ ପ୍ରତି ଗୁରୁତ୍ୱ ଦେବେ। ଏଥିସହ କାର୍ତ୍ତିକ ପୂର୍ଣ୍ଣମୀରେ ପୋଖରୀରେ ବୋଇତ ବନ୍ଦାଣ ଉପରେ ମଧ୍ୟ କଟକଣା ଜାରି କରାଯାଇଛି।

# ନିରୁଦ୍ଦିଷ୍ଟ ପୋଷ୍ଟର ମାରି ପୋଲିସ ଚୁପ୍

**ଖୋର୍ଦ୍ଧା ଅଫିସ,୧୫।୧୧**

**ଗାଈ ଚରାଇବାକୁ ଯାଇ ଯୁବକ ନିଖୋଜ ଘଟଣା**

- ଗତ ଅକ୍ଟୋବର ୨୪ରୁ ନିଖୋଜ ଅଛନ୍ତି
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର
- ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ କୁମ୍ଭିଲୋ ଗ୍ରାମର ସନ୍ତୋଷ କୁମାର ବେହେରା ଓରଫ ରାଜା(୨୫)ଗାଈ ଚରାଇବାକୁ ଯାଇ ଅକ୍ଟୋବର ୨୪ରୁ ନିଖୋଜ ଅଛନ୍ତି। ଘଟଣାକୁ ୨୨ଦିନ ବିତିଯାଇଥିଲେ ହେଁ ପୋଲିସ ନିରୁଦ୍ଦିଷ୍ଟ ପୋଷ୍ଟର ମାରିବା ସହ ମାମଲା ରୁଜୁ କରି ଚୁପ୍ ବସିଛି। ଅନ୍ୟପଟେ ଥାନାକୁ ବାରମ୍ବାର ଦୌଡି ନିରାଶ ହେବା ପରେ ପରିବାରଲୋକେ ନ୍ୟାୟ ଦାବିରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଉଲ୍ଲେଖ ରହିଛି ଯେ, କୁମ୍ଭିଲୋ ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ପୁଅ ରାଜା ଗତ ୨୪ତାରିଖ ପୂର୍ବାହ୍ନରେ ଗାଁ ପାଳି ଅନୁସାରେ ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଗାଈ ଗୋଠ ଗାଁକୁ ଫେରିଥିବା ବେଳେ ରାଜା ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ୨୫ ତାରିଖରେ ଏନେଇ ଲକ୍ଷ୍ମୀଧର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରିବା ପରିବର୍ତ୍ତେ ଏତଲା ଠିକ୍ ଭାବେ ଲେଖାଯାଇନାହିଁ କହି ଫେରାଇ ଦେଇଥିଲା। ଏହାର ପ୍ରତିବାଦରେ ପରିବାର ଏବଂ ଶତାଧିକ ଗ୍ରାମବାସୀ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ୨୮ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ୨୪ଘଣ୍ଟା ମଧ୍ୟରେ ରାଜାଙ୍କ ସନ୍ଧାନ ମିଳିଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ପୋଲିସ ମାମଲା ରୁଜୁ କରିବା ସହ ନଭେମ୍ବର ୧ରେ ରାଜା ନିଖୋଜ ଥିବା ନେଇ ଏକ ବିଜ୍ଞପ୍ତି ଜାରି କରିଥିଲା। ତେବେ କେବଳ ପୋଲିସ ନିରୁଦ୍ଦିଷ୍ଟ ପୋଷ୍ଟର ମାରିବା ସହ ମାମଲା ରୁଜୁ କରି ଚୁପ୍ ବସିଛି। ଅନ୍ୟପଟେ ପ୍ରେମ ସମ୍ପର୍କକୁ ନେଇ ପତନିବର ଗ୍ରାମର ଜଣେ ଯୁବତୀଙ୍କ ପରିବାର ଓ ସମ୍ପର୍କୀୟ ରାଜାଙ୍କୁ ଚାରିଚକିଆ ଯାନରେ ଅପହରଣ କରିନେଇଥିବା ଜାଣିବାକୁ ପାଇଥିଲୁ। ଏ ନେଇ ବାରମ୍ବାର ଥାନାଧିକାରୀଙ୍କ ସହ ଯୋଗାଯୋଗ ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ ବୋଲି ଲକ୍ଷ୍ମୀଧର କହିଛନ୍ତି। ଅପହରଣ ପରେ ରାଜାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି। ଏହି ଘଟଣାର ଅନୁସନ୍ଧାନ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି। ନ୍ୟାୟ ନ ମିଳିଲେ, ଆମରଣ ଅନଶନ ସହ ଆତ୍ମାହୁତି ଦେବେ ବୋଲି ପରିବାର ଲୋକେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସଦର ଏସଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପରିବାର ଲୋକେ।

### ୨୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଉପରସାହିର କ୍ଷୀରୋଦ କୁମାର ସାହୁ(୩୫)। ତାଙ୍କଠାରୁ ୨୫ ଲକ୍ଷ ଟଙ୍କା ମୂଲ୍ୟର ୨୬୦ ଗ୍ରାମ ବ୍ରାଉନସୁଗାର ସହ ନଗଦ ୫ ହଜାର ୫୭୦ ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ (ନଂ.୩୫୨/୨୧) ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତି ପ୍ରାୟ ୩ଟାରେ କ୍ଷୀରୋଦ ସ୍ଥାନୀୟ ଥାନା ସନ୍ତୋଷୀ ବିହାର କେନାଲରୋଡ଼ ନିକଟରେ ବ୍ରାଉନସୁଗାର ବିକ୍ରି ପାଇଁ ଠିଆ ହୋଇଥିବାବେଳେ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଧରିଥିଲା।

**ବନ୍ଧୁକ ଧରି ଆତଙ୍କ: ଭିଡିଓ ଭାଇରାଲ**

ପୁରୀ ଅଫିସ: କେତେଜଣ ଯୁବକ ହାତରେ ବନ୍ଧୁକ ଧରି ଫିଲ୍ମ ଷ୍ଟାଇଲରେ ଡାଏଲଗ ମାରୁଥିବାର ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ପୁରୀବାସୀଙ୍କ ମନରେ ଆତଙ୍କ ଖେଳିଯାଇଛି। ଏପରି ଭିଡିଓ ମାଧମରେ ନିଜକୁ ଲୋକଲୋଚନକୁ ଆଣିବାର ନିଶା ଏବେ ଯୁବପିଢ଼ିଙ୍କୁ ବିପଦଗାମୀ କରୁଛି। ପୂର୍ବରୁ ଚନ୍ଦନପୁର ଥାନା ଅଞ୍ଚଳରେ ଜଣେ ଯୁବକ ଆକ୍ରମଣ କରିବାର ଭିଡିଓ ଭାଇରାଲ ହୋଇଥିଲା। ସେହିପରି ଜଣେ ଯୁବକ ଫେସବୁକ୍ ଷ୍ଟାଟସରେ ଖଣ୍ଡା ଧରି ଫଟୋ ପୋଷ୍ଟ କରିଥିଲେ। ଭାଇରାଲ ଭିଡିଓର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି।






୧୫।୧୧।୨୦୨୧

| | |
|---|---|
| ୨୦,୬୮୭ ଟଙ୍କା | |
| ସୁନା | ୮୦ ମିଲିଗ୍ରାମ |
| ରୁପା | ୨୫ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ପ୍ଲମ୍ବର ୟୁନିୟନ ବାର୍ଷିକ ସମ୍ମିଳନୀ, ଆଖଣ୍ଡଳମଣି ମନ୍ଦିର ପରିସର, ଅପରାହ୍ନ ୧ଟା।
- ପବ୍ଲିକ୍ ଫୋରମ ପକ୍ଷରୁ ପଞ୍ଚକ ମହୋତ୍ସବ, ମାଉସୀ ମା ମନ୍ଦିର ପରିସର, ସନ୍ଧ୍ୟା ୫ଟା ୩୦।
- ଦି ମିଡିଆ ପକ୍ଷରୁ ଜାତୀୟ ସାମ୍ବାଦିକ ଦିବସ, ୟୁଥ ହଷ୍ଟେଲ, ଅପରାହ୍ନ ୨ଟା ୪୫।
- ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ, ସାଲବେଗ ପୀଠ, ପୂର୍ବାହ୍ନ ୧୧ ଟା
- ୟୁର୍ଜସ ଫି ବିରୋଧରେ ଗଣ ଧାରଣା, ପୌର କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦
- ଅଲ୍‌ଇଣ୍ଡିଆ ଇପିଏଫ ପେନସନର ଆସୋସିଏଶନର ଦାବିପତ୍ର, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା
- ପୂର୍ବତଟ ରେଲୱେ ଠିକା କର୍ମଚାରୀ ସଂଘର ଜେଲଭରୋ ଆନ୍ଦୋଳନ, ସିଡିଓ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ମନ୍ତ୍ରୀଙ୍କ ଦ୍ୱାରା ଚକ୍ଷୁ ବିଭାଗ ଉଦ୍‌ଘାଟିତ

ଗୋପ,୧୫।୧୧(ଡି.ଏନ୍.ଏ.): ମଣିଷ ଶରୀରର ସମସ୍ତ ଅଙ୍ଗ ମଧ୍ୟରେ ଚକ୍ଷୁ ହେଉଛି ମୁଖ୍ୟ ଅଙ୍ଗ। ଚକ୍ଷୁ ମଣିଷକୁ ଆଲୋକ ଦେଖାଇଥାଏ ବୋଲି ସୋମବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁନେତ୍ର ଯୋଜନାରେ ନୂତନ ଚକ୍ଷୁ ବିଭାଗ ଖୋଲିବା ଅବସରରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଉଦ୍‌ଘାଟନ ଅବସରରେ କହିଥିଲେ। ମନ୍ତ୍ରୀ ଆହୁରି କହିଥିଲେ, ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ମାତ୍ରାରେ ଗୁରୁତ୍ୱ ଦେବା ସହ ସ୍ୱାସ୍ଥ୍ୟ ସେବାକୁ ନେଇ ବିଭିନ୍ନ ଯୋଜନା ମାଧ୍ୟମରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ନୂତନ ଚକ୍ଷୁ ବିଭାଗ ଖୋଲିବା ସହିତ ବିଭିନ୍ନ ଚକ୍ଷୁ ସେବା ପାଇଁ ଅତ୍ୟାଧୁନିକ ମେଶିନ ଲଗାଯାଇଛି। ଏହି ସେବା ବୃଦ୍ଧ, ବୃଦ୍ଧାଙ୍କ ସହିତ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଜସ୍ମିନ ଆମ୍ବ୍ରୋଜ, ଡ. ସରିତା ମିଶ୍ର, ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ରାଜେଶ, ଶରତ ନାୟକ, ମନୋରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ପଣ୍ଡା, ସମ୍ପଦ ପ୍ରଧାନ, ସୁଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବଟି ମାଗି ଯୁବକ ଗିରଫ

ପୁରୀ ଅଫିସ, ୧୫।୧୧: ଦାଦାବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲି ଉପର ରାମଚଣ୍ଡୀ ସାହିର କାବୁ ପ୍ରଧାନ (୨୮)। ପୋଲିସ ଏ ନେଇ କେସ୍ ନଂ. ୪୨୦/୨୧ ରୁଜୁ କରିଛି। ସୂଚନା ଅନୁଯାୟ, ଗତ ୧୩ ତାରିଖରେ ବାଲି ଉପର ରାମଚଣ୍ଡୀ ସାହିର ମମତା ମହାନ୍ତିଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଜାରି ରଖିଥିଲା।

### ବିନୋବା ଭାବେଙ୍କ ୩୯ତମ ଶ୍ରାଦ୍ଧ ଦିବସ ପାଳିତ

ପୁରୀ ଅଫିସ, ୧୫।୧୧: ସର୍ବୋଦୟ ନଗରରେ ସୋମବାର ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପୁରୀ ପକ୍ଷରୁ ବିନୋବା ଭାବେଙ୍କ ୩୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ପରିଷଦର ସଭାପତି ଡ. ବଳରାମ ଦାସଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ବ୍ୟକ୍ତିମାନେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସର୍ବୋଦୟ କର୍ମୀ ଓ ଗାନ୍ଧୀଙ୍କ ଆଧ୍ୟାତ୍ମିକ ଶିଷ୍ୟ ବିନୋବା ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ। ସେ ସତ୍ୟାଗ୍ରହ ଆନ୍ଦୋଳନରେ ଭାଗନେଇଥିଲେ। ୧୯୫୫ ମସିହା ଏପ୍ରିଲରେ ସର୍ବୋଦୟ ନଗରରେ ସର୍ବୋଦୟ ମେଳା ଅନୁଷ୍ଠିତ ହୋଇଥିଲା। ସେ ଏହି ସମୟରେ ଏଠାରେ ୧୨ ଦିନ ଅବସ୍ଥାନ କରିଥିଲେ। ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଶିକ୍ଷାବିତ୍ ପ୍ରମୋଦା ଦେବୀ, ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା, ପ୍ରଭାକର ମିଶ୍ର, ବଦ୍ରି ମିଶ୍ର, ଅଶୋକ କୁମାର ମହାପାତ୍ର, ପ୍ରାଧାପକ ଅଭିମନ୍ୟୁ ଭୂୟାଁ, ଡ. କାର୍ତ୍ତିକ କୁମାର ଦାସ, କୃଷ୍ଣଚନ୍ଦ୍ର ରଥ, ଆଇନଜୀବୀ ପୁଷ୍କର ମହାପାତ୍ର ଏବଂ ଇଂ. ଗିରିଜା ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ ତଦନ୍ତ ଆରମ୍ଭ

ନିମାପଡ଼ା,୧୫।୧୧(ଡି.ଏନ୍.ଏ.): ପୁରୀ ଜିଲା ନିମାପଡ଼ା ଅଞ୍ଚଳରେ ଗଣବଳାତ୍କାରର ଶିକାର ହୋଇଥିବା ପୀଡ଼ିତାଙ୍କୁ ସୋମବାର ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଡ. ମୀନତି ବେହେରା, ଅତିରିକ୍ତ ଏସ୍‌ପି ବିଜୟା ବାରୁଆ, ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ପରେ ଅଧ୍ୟକ୍ଷା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାପରେ ସେ ଥାନାକୁ ଯାଇ ଏହି ମାମଲାର ତଦନ୍ତକାରୀ ଅଫିସର ଏସ୍‌ଆଇ ପି.କେ. ଜୁଝାର ସିଂଙ୍କ ସହ ଆଲୋଚନା କରିଥିଲେ। ଏପରିକି ଥାନାରେ ଥିବା ମହିଳା ଶିଶୁ ଡେସ୍କ ପରିଦର୍ଶନ କରିବା

**ମହିଳାଙ୍କୁ ଗଣବଳାତ୍କାର ଘଟଣା**



ଥାନାରେ କମିଶନ ଅଧ୍ୟକ୍ଷା ତଦନ୍ତ କରୁଛନ୍ତି ।

ବେଳେ କେହି ଅଧିକାରୀ ଉପସ୍ଥିତ ନ ରହିବା ସହ ଡେସ୍କଟିର ଅପରିଷ୍କାର ପରିବେଶ ଦେଖି ଅଧ୍ୟକ୍ଷା ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଘଟଣାର ସବିଶେଷ ତଦନ୍ତ କରି ଅଧ୍ୟକ୍ଷା ଡ. ବେହେରା ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି।

### 'ପୋଲିସ ତ୍ୱରିତ ପଦକ୍ଷେପ ନେଇଛି'

ଏହି ଘଟଣାରେ ନିମାପଡ଼ା ପୋଲିସ ଅଭିଯୋଗ ପାଇବା ମାତ୍ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏପରିକି ଘଟଣାକୁ ୨୪ଘଣ୍ଟା ପୂରିବା ପୂର୍ବରୁ ପୋଲିସ ପକ୍ଷରୁ ୨ଟି ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବାବେଳେ ମୁଖ୍ୟତଃ କାକଟପୁର ଥାନା ଅଞ୍ଚଳରେ ଲୁଚିଥିବା ଉକ୍ତ ମାମଲାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଏହି ସମ୍ବେଦନଶୀଳ ଘଟଣାରେ ପୋଲିସ ତ୍ୱରିତ ପଦକ୍ଷେପ ନେଇଥିବାରୁ ଅଭିଯୁକ୍ତଙ୍କୁ ଧରିବାରେ ସଫଳତା ମିଳିଥିବା ନିମାପଡ଼ା ଥାନା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ଜରିଆରେ ଏସ୍‌ଡିପିଓ ଦେବାଶିଷ ମିଶ୍ର କହିଛନ୍ତି। ଆସନ୍ତା ୩୦ ଦିନ ମଧ୍ୟରେ ଏହି ମାମଲାର ତଦନ୍ତ ପ୍ରକ୍ରିୟା ଶେଷ କରି ଚାର୍ଜଶିଟ ପ୍ରଦାନ କରାଯିବ ଓ ସ୍ପିଡ ଟ୍ରାଏଲ ପାଇଁ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଯେଭଳି କଡ଼ା ଦଣ୍ଡ ପାଇବେ ସେଦିଗରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରାଯିବ ବୋଲି ଏସ୍‌ଡିପିଓ ଆଇଆଇସି ଶଙ୍କର୍ଷଣ ଦଳେଇ କହିଛନ୍ତି।

## ପୀଡ଼ିତାଙ୍କୁ ଭେଟିଲେ ୩ ଦଳର ମହିଳା ଟିମ୍

ଗଣବଳାତ୍କାର ଘଟଣାର ଖବରପାଇ ସୋମବାର ୩ ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଓ ଭାଜପାର ମହିଳା ଟିମ୍ ଆସି ପୀଡ଼ିତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି। ପ୍ରଥମେ ପୁରୀ ଜିଲା ମହିଳା କଂଗ୍ରେସ କମିଟି ସଭାପତି ନିରୁପମା ପାତ୍ର, ନିମାପଡ଼ା ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଗତୀ ବରାଳ ଓ ଜିଲା ମହିଳା କଂଗ୍ରେସର ନେତୃବୃନ୍ଦମାନେ ସୋମବାର ନିମାପଡ଼ା ମେଡିକାଲରେ ପହଞ୍ଚି ଗଣବଳାତ୍କାରର ଶିକାର ପୀଡ଼ିତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି। ମହିଳା କଂଗ୍ରେସ ନେତ୍ରୀମାନେ ନିମାପଡ଼ା ଥାନାରେ ପହଞ୍ଚି ଏଭଳି ଅମାନବୀୟ ଘଟଣାରେ ପୋଲିସର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଇଆଇସି ଶଙ୍କର୍ଷଣ ଦଳେଇ, ତଦନ୍ତକାରୀ ଅଫିସର ଏସ୍‌ଆଇ ପି.କେ.ଜୁଝାର ସିଂଙ୍କ ସହ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ପ୍ରଦାନ କରାଯିବା, ୪ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅତି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବାକୁ ଜିଲା ଓ ବ୍ଲକ କଂଗ୍ରେସ କମିଟି ସଭାନେତ୍ରୀମାନେ ପୋଲିସ ନିକଟରେ ଦାବି କରିଥିଲେ। ଏହି ଘଟଣା ପ୍ରତି ପୋଲିସ ଯଦି ସେଭଳି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନ ନେବ, ତାହେଲେ ମହିଳା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହ ରାଜ୍ୟବ୍ୟାପି ଗଣଆନ୍ଦୋଳନ କରାଯିବ ବୋଲି ନେତ୍ରୀମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପରେ ବିଜେଡିର ଏକ ୧୦ଜଣିଆ ମହିଳା ଟିମ୍ ପୀଡ଼ିତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ପୋଲିସଙ୍କୁ ମଧ୍ୟ ଭେଟି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଏହି ଟିମ୍‌ରେ ମହିଳା ବିଜୁ ଜନତା ଦଳର ନେତ୍ରୀ କୌଶଲ୍ୟା ସାହୁ, ମୋହିନୀ ଜେନା, ରାଜଲକ୍ଷ୍ମୀ ମହାନ୍ତି, ସସ୍ମିତା ନାୟକ, ପ୍ରତିଭା ମଞ୍ଜରୀ ମହାନ୍ତି, ସଂଘମିତ୍ରା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାଜପା ପୁରୀ ଜିଲା ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ମୀନଲତା ମହାନ୍ତି, ମିନାକ୍ଷୀ ଦାଶ, ସସ୍ମିତା ସାମନ୍ତରାୟ, ଦିଲୀପ ପାତ୍ର, ମାନସ ପ୍ରଧାନଙ୍କ ନେତୃତ୍ୱରେ ଏକ ମହିଳା ଟିମ ପୀଡ଼ିତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାର ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଡିଜି, ଡିଆଇଜି, ପୁରୀ ଏସ୍‌ପିଙ୍କଠାରେ ଦାବି କରିଛନ୍ତି।




ଜିଲା ସଂସ୍କୃତି ଭବନରେ ସୋମବାର ମହ୍ଲାର ମ୍ୟୁଜିକ୍‌ର ତୃତୀୟ ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

## ଓଡ଼ିଶୀ ସଙ୍ଗୀତର ବିକାଶ ଉପରେ ଗୁରୁତ୍ୱ

ପୁରୀ ଅଫିସ,୧୫।୧୧: ଜିଲା ସଂସ୍କୃତି ଭବନରେ ସୋମବାର ମହ୍ଲାର ମ୍ୟୁଜିକ୍‌ର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ପରିଚାଳିକା ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. କାର୍ତ୍ତିକ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଓଡ଼ିଶା କଳା ଶିଳ୍ପ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର, ପ୍ରଯୋଜକ ପ୍ରମୋଦ ସିଂହ, ନିର୍ଦ୍ଦେଶକ ଦେବରାଜ ଗୌଡ଼, ସମ୍ପାଦକ ତୃପ୍ତିରେଖା ମିଶ୍ର ମଞ୍ଚାସୀନ ଥିଲେ। ଜ୍ଞାନ ରଞ୍ଜନ ବେହେରା ଅତିଥି ପରିଚୟ ଓ ଦେବରାଜ ଗୌଡ଼ ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଶୀ ସଙ୍ଗୀତର ବିକାଶ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶୀ ସଙ୍ଗୀତ ଗୁରୁ କୈଳାସନାଥ ତ୍ରିପାଠୀ, ଗୋଲାପ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ଗୁରୁ ଅଭିଜିତ ଦେବ, ତବଲା ଗୁରୁ ପ୍ରଦୀପ୍ତ କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ ଆଦି ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଦର୍ଶନା କର ସଙ୍ଗୀତ ପରିବେଷଣ କରିଥିଲେ। ଦୁର୍ଗାମାଧବ କର ଧନ୍ୟବାଦ ଦେଇଥିଲେ।

### ଗୋଚରଜମି ଜବରଦଖଲକୁ ନେଇ ଅନଶନ

ଗୋପ,୧୫।୧୧(ଡି.ଏନ୍.ଏ.): ଗୋପ ବ୍ଲକ ଅଧୀନ ବଡ଼େଇସାହି ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘବର୍ଷ ଧରି ଗୋଚରଜମି ଜବରଦଖଲକୁ ନେଇ ଅସନ୍ତୋଷ ଲାଗି ରହିଥିଲା। ବାରମ୍ବାର ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଗୋପ ତହସିଲଦାରଙ୍କୁ ଅଭିଯୋଗ କରି ନିରାଶ ହେବା ପରେ ସୋମବାର ଉକ୍ତ ଗ୍ରାମବାସୀ ଗୋପ ତହସିଲ ଅଫିସ ସମ୍ମୁଖରେ ଅନଶନ କରିଥିଲେ। ପରେ ତହସିଲଦାର ଶେଖ ସାର୍ଗି ଅନଶନସ୍ଥଳକୁ ଆସି ୭ ଦିନ ମଧ୍ୟରେ ଗୋଚରଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ଉଠିଥିଲା। ପ୍ରକାଶ ଯେ, କିଛିବର୍ଷ ଧରି ଗୋପ ମୌଜା ଖାତା ନମ୍ବର ୧୮୯୨, ପ୍ଲଟ ନମ୍ବର ୪୪୯୨ରେ ଥିବା ୧ଏକର ରୁ ଅଧିକ ଜମି ବଡ଼େଇ ସାହି ଗ୍ରାମର ଜଣେ ମହିଳା ଜବରଦଖଲ କରି ଗୃହ ନିର୍ମାଣ କରିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ପ୍ରଶାସନ, ତହସିଲଦାର ଦୃଷ୍ଟି ନ ଦେବାରେ ବଡ଼େଇ ସାହି ଗ୍ରାମର ୱାର୍ଡସଭ୍ୟ ସ୍ୱରାଜ ଭୋଇ, କୃଷ୍ଣ ମହାରଣା, ଗୋପୀ ଚନ୍ଦ୍ର ଭୋଇ, ଭାରତ ଭୋଇ, ଶିବ ଭୋଇ, ଭଗବାନ ମଲ୍ଲିକ ପ୍ରମୁଖ ଅନଶନରେ ବସିଥିଲେ।




ପଞ୍ଚକ ମହୋତ୍ସବରେ କଳାକାରଙ୍କ ନୃତ୍ୟ ପରିବେଷଣ ।

## ପଞ୍ଚକ ମହୋତ୍ସବ ଉଦ୍‌ଘାଟିତ

ପୁରୀ ଅଫିସ, ୧୫।୧୧: ପବ୍ଲିକ ଫୋରମ ଆନୁକୂଲ୍ୟରେ ମାଉସୀମା ମନ୍ଦିର ପ୍ରାଙ୍ଗଣରେ ସୋମବାର ପଞ୍ଚକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଓକିଲ ସଂଘ ସଭାପତି ଭଗବାନ ମିଶ୍ର, ସାମାଜିକ କର୍ମୀ ଶୁଭାଶିଷ ଖୁଣ୍ଟିଆ, ନୃତ୍ୟ ଶିଳ୍ପୀ ରୋଜାଲିନ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପବ୍ଲିକ ଫୋରମ ସଭାପତି ଆର୍ତ୍ତତ୍ରାଣ ତ୍ରିପାଠୀ, ସମ୍ପାଦକ ଚିତ୍ତରଞ୍ଜନ ଦାସ, ସତ୍ୟ ଦାଶ, ଜ୍ୟୋତିପ୍ରକାଶ ଜେନା, ରାମଚନ୍ଦ୍ର ଦୋରା ଓ ଗୋପୀନାଥ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନାମ ସଂକୀର୍ତ୍ତନ କରାଯାଇଥିଲା। ପଣ୍ଡିତ ଲଳିତ ମୋହନ ମହାପାତ୍ର ପ୍ରବଚନ ଦେଇଥିଲେ। ଶ୍ରୀକଳା ନିକେତନ ପକ୍ଷରୁ ଗୁରୁ ରୋଜାଲିନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ମା'ବାପାଙ୍କ ଆଗରେ ଚାଲିଗଲା ପୁଅ ଜୀବନ

- ଧକ୍କା ଦେଇ ଚଢ଼ିଗଲା ବସ୍
- ଅଧା ରହିଗଲା ନବଗ୍ରହ ପୀଠରେ ହୋମଯଜ୍ଞ

ଗୋପ,୧୫।୧୧(ଡି.ଏନ୍.ଏ.): କାର୍ତ୍ତିକ ମାସ ପଞ୍ଚକରେ ନବଗ୍ରହ ପୀଠରେ ହୋମଯଜ୍ଞ କଲେ ପରିବାରରେ ଶାନ୍ତି ଆସିବ। ପୁଅ ଭଲ ମଣିଷ ହେବ, ଭଲ ପାଠ ପଢ଼ିବ। ଏହି ସବୁକୁ ଆଶା କରି ଜଣେ ଦମ୍ପତି ୭ବର୍ଷର ପୁଅକୁ ନେଇ ବାଇକ୍‌ରେ କୋଣାର୍କସ୍ଥିତ ନବଗ୍ରହ ପୀଠକୁ ଯାଉଥିଲେ। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ଗୋପ- କୋଣାର୍କ ରାସ୍ତାର ସାନ କୁଦୁରା ଛକ ନିକଟରେ ଏକ ଟୁରିଷ୍ଟ ବସ୍ ସହ ତାଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ନାବାଳକ ବସ୍ ତଳେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଲେ ନିମାପଡ଼ା ଥାନା ଅଧୀନ ନୁହାରଗିରି ଗ୍ରାମର ବଳରାମ ମହାରଣା ଓ ସ୍ତ୍ରୀ ସ୍ୱର୍ଣ୍ଣଲତାଙ୍କ ଏକମାତ୍ର ପୁଅ ଆଶୁତୋଷ। ମା'ବାପାଙ୍କ ସମ୍ମୁଖରେ ପୁଅର ଜୀବନ ଚାଲିଗଲା। ଗୁରୁତର ମାବାପା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏପରିକି ପରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପହଞ୍ଚି ଗୁରୁତର ମାବାପାଙ୍କ ଚିକିତ୍ସା ଅବସ୍ଥା ବୁଝିଛନ୍ତି।

ସୂଚନା ଥାଉକି, ନିମାପଡ଼ା ନୁହାରଗିରି ଗ୍ରାମର ବଳରାମ ବାଇକ୍(ନଂ. ଓଡି-୧୩-ଏଫ ୪୩୩୧) ଯୋଗେ ସ୍ତ୍ରୀ, ପୁଅକୁ ନେଇ କୋଣାର୍କ ନବଗ୍ରହ ପୀଠକୁ ଯାଉଥିଲେ। ହେଲେ ସାନ କୁଦୁରା ଛକ ନିକଟରେ ଅପରପାର୍ଶ୍ୱରୁ ଆସୁଥିବା ଶୋଳପୁଅ ମା ନାମକ ଟୁରିଷ୍ଟ ବସ୍ (ନଂ. ଓଡି-୧୩ ଇ-୮୫୫୪)କୁ ଧକ୍କା ଦେଇଥିଲା। ଫଳରେ ମା'ବାପା ଛିଟିକି ତଳେ ପଡ଼ିବା ବେଳେ ପୁଅ ଆଶୁତୋଷ ବସ୍ ଚକା ତଳେ ପଡ଼ିଯିବାରୁ ଗାଡ଼ି ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଗୋପ ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସକୁ ଫୋନ କରିବାରେ ଗାଡ଼ି ଆସି ଗୁରୁତର ୩ଜଣଙ୍କୁ ଗୋପ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ନାବାଳକଙ୍କୁ ମୃତ ଘୋଷଣା କରିବା ସହ ୨ଜଣ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ମାତ୍ର ସେଠାରେ ବଳରାମଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହକୁ ଜବତ କରିଛି। ଏଥିସହ ପୋଲିସ ଏ ନେଇ ଏକ ମାମଲା(ନଂ.୫୪୯/୨୧) ରୁଜୁ କରିଛି। ଅନ୍ୟପଟେ ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

### ୧୦ କେଜି ଭାଙ୍ଗ ଜବତ: ଜଣେ ଗିରଫ

ପୁରୀ ଅଫିସ, ୧୫।୧୧: ବେଆଇନ ଭାବେ ବଟା ଭାଙ୍ଗ ବିକ୍ରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କୁମ୍ଭାରପଡ଼ା ତଳସାହିର ସୌମ୍ୟ ରଞ୍ଜନ ରାଉତ। ପୋଲିସ ତାଙ୍କଠାରୁ ୧୦ କେଜି ଭାଙ୍ଗ ଓ ଗୋଟିଏ ଗ୍ରାଇଣ୍ଡର ଜବତ କରିଛି। କେସ୍ ନଂ. ୪୨୧/୨୧ ରୁଜୁ ହୋଇଛି।

# ପ୍ରଶାସନକୁ ଜମି ଅଧିଗ୍ରହଣ ସମସ୍ୟା ଜଣାଇଲେ ଅଂଶୀଦାର

ପୁରୀ ଅଫିସ,୧୫।୧୧: ମୁଷାନଦୀର ପ୍ରଥମ ପର୍ଯ୍ୟାୟ ସଂପ୍ରସାରଣ ନିମନ୍ତେ ସମଙ୍ଗ, ମାଟିତୋଟା ଓ ମାର୍କଣ୍ଡେଶ୍ୱର ସାହି-୧ ପାଇଁ ସୋମବାର ପୂର୍ବାହ୍ନରେ ଜଗନ୍ନାଥବଲ୍ଲଭ ପରିସରରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରକଳ୍ପ ନିମନ୍ତେ ମୋଟ ୪୬ ଏକର ୬୦୯ ଡିସିମିଲ ଜାଗା ଅଧିଗ୍ରହଣ କରାଯିବ। ସେଥିମଧ୍ୟରୁ ମାର୍କଣ୍ଡେଶ୍ୱର ସାହି ଅଞ୍ଚଳର ୭.୨୯୩ ଏକର, ମାଟିତୋଟାର ୧୦.୯୭ ଏକର, ସମଙ୍ଗ ଅଞ୍ଚଳର ୨୮.୩୪୬ ଏକର ଜମି ଅଧିଗ୍ରହଣ ହେବ। ସେଥିମଧ୍ୟରୁ ୮.୯୮ ଏକର ସରକାରୀ ଜମି, ମହାପ୍ରଭୁଙ୍କ ମାଲିକାନାରେ ଥିବା ୧୧. ୭୫୭ ଏକର ଜମି, ୨୪ ଡିସିମିଲ ମଠ ଜମି, ୫.୧୧୦ ଏକର ଠାକୁରାଣୀଙ୍କ ଜମି ଏବଂ ୨୦.୫୨୨ ଏକର ବେସରକାରୀ ଜମି ଅଧିଗ୍ରହଣ ହେବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବେସରକାରୀ ଜମି ମଧ୍ୟରୁ ୧୨ଏକର ୭୪୬ ଜମି ଅଧିଗ୍ରହଣ ହୋଇସାରିଥିବା ବେଳେ ୭ଏକର ୭୭୬ ଡିସିମିଲ ଜମି ଅଧିଗ୍ରହଣ ହେବା ବାକି ରହିଛି। ପୂର୍ବରୁ ରାଜ୍ୟ ସରକାରଙ୍କ ଅଧୀନ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପକ୍ଷରୁ ଜମି ଅଧିଗ୍ରହଣ ସମ୍ପର୍କିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି। ପୁରୀକୁ ଧାର୍ମିକ କେନ୍ଦ୍ରରେ ପରିଣତ ଓ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଅବଢ଼ା ଯୋଜନାରେ ପୁରୀର ମୌଳିକ ଭିତ୍ତିଭୂମି ବିକାଶ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଥିଲେ। ସଂପୃକ୍ତ ଜନଶୁଣାଣିରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଜମି

**ମୁଷା ନଦୀ ସଂପ୍ରସାରଣ ନେଇ ଜନଶୁଣାଣି**

ଅଧିଗ୍ରହଣ ପରେ ହେବାକୁ ଥିବା ପ୍ରକଳ୍ପ କାର୍ଯ୍ୟରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ଗାଡ଼ି ରଖିବା ପାଇଁ ସ୍ୱତନ୍ତ୍ର ପାର୍କିଂ, ସୂଚନା କେନ୍ଦ୍ର, ନୌଚାଳନା କ୍ଲବ୍, ସୁନ୍ଦର ବଗିଚା, ବିଭିନ୍ନ ଖାଦ୍ୟ ସାମଗ୍ରୀ ଆଦିର ଦୋକାନ କରିବା ପାଇଁ ଯୋଜନା ରହିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଲୋକେ ମଧ୍ୟ ଏହାଦ୍ୱାରା ବିଭିନ୍ନ ମାଧ୍ୟମରେ ଉପକୃତ ହେବେ ବୋଲି ପ୍ରଶାସନ ସ୍ପଷ୍ଟ କରିଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ କୁଶଳୀ ଓ ଅଣକୁଶଳୀ ଶ୍ରମିକ ଭାବେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିବ। ନୌବିହାର ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ସହରର ପାରମ୍ପରିକ ମୂଲ୍ୟବୋଧକୁ ବଢ଼ାଇବ। ବର୍ଷାଦିନେ ପୁରୀ ସହର ଓ ଗ୍ରାମାଞ୍ଚଳରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପ୍ରକଳ୍ପ ପ୍ରାଥମିକତା ଦେବ। ସ୍ଥାନୀୟ ଅଞ୍ଚଳରେ ଜମିର ମୂଲ୍ୟ ବଢ଼ିବା ସହ ଅଞ୍ଚଳର ବିକାଶ ହେବ। ବ୍ୟବସାୟ ଓ ବାଣିଜ୍ୟ ସହ ବିଭିନ୍ନ ସେବା ଯୋଗାଇବା କ୍ଷେତ୍ରରେ ମଧ୍ୟ ନୂଆ ସୁଯୋଗ ସୃଷ୍ଟି ହେବ। ଏଣୁ ପ୍ରକଳ୍ପ କାର୍ଯ୍ୟରେ ସ୍ଥାନୀୟ ଲୋକେ ସହଯୋଗ କରିବା ପାଇଁ ପ୍ରଶାସନ ନିବେଦନ କରିଛି। ଜନଶୁଣାଣି କାର୍ଯ୍ୟକ୍ରମରେ ଭୂଅର୍ଜନ ସ୍ୱତନ୍ତ୍ର ଅଧିକାରୀ କୈଳାଶ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଓଡ଼ିଶା ସେତୁ ନିର୍ମାଣ ନିଗମର ନିର୍ବାହୀ ଅଧିକାରୀ ସୁନ୍ଦର ମାଧବ ପାଢ଼ୀ, ପୂର୍ତ୍ତବିଭାଗ ନିର୍ବାହୀ ଅଧିକାରୀ ଅଜିତ ମହାପାତ୍ର, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଉପପ୍ରଶାସକ ସନ୍ତୋଷ କୁମାର ଶତପଥୀ, ପୁରୀ ତହସିଲଦାର ରବିନ୍ଦ୍ର ପ୍ରଧାନ ଏବଂ ପୁରୀ ପୌରସଂସ୍ଥା ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସାମିଲ ଥିବା ସମସ୍ତ ଅଂଶୀଦାରଙ୍କ ସମେତ ସମଙ୍ଗ ସରପଞ୍ଚ ପ୍ରମିଳା ପାତ୍ର ଓ କର୍ତ୍ତବ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା ସୁଚରିତା ପାଢ଼ୀ ଉପସ୍ଥିତ ଥିଲେ। ଜନଶୁଣାଣିରେ ଜମି ଅଧିଗ୍ରହଣ ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରାଯିବା ସହ ଅଂଶୀଦାରମାନେ ନିଜ ସମସ୍ୟା ପ୍ରଶାସନ ନିକଟରେ ଜଣାଇଥିଲେ। ଅଂଶୀଦାରମାନଙ୍କୁ ଜଣ ଜଣ କରି କହିବାକୁ ସୁଯୋଗ ଦିଆଯାଇଥିଲା ଓ ସେମାନେ ନିଜ ଜମି ଅଧିଗ୍ରହଣ ସମ୍ବନ୍ଧରେ ମତ ରଖିଥିଲେ। ପ୍ରଶାସନ ଏସବୁକୁ ଉଲ୍ଲେଖ କରି ଏହାର ସମାଧାନ ଦିଗରେ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା।



ସର୍ବୋଦୟ ନଗରରେ ସୋମବାର ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପୁରୀ ପକ୍ଷରୁ ବିନୋବା ଭାବେଙ୍କ ୩୯ତମ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି ।



ମୁଷାନଦୀର ପ୍ରଥମ ପର୍ଯ୍ୟାୟ ସଂପ୍ରସାରଣ ନିମନ୍ତେ ସୋମବାର ପୁରୀ ଜଗନ୍ନାଥବଲ୍ଲଭ ପରିସରରେ ଆୟୋଜିତ ଜନଶୁଣାଣିରେ ଯୋଗ ଦେଇଥିବା ଅଂଶୀଦାରମାନେ ।

### ଶ୍ରୀମନ୍ଦିରରେ ହରି ଉତ୍ଥାପନା ନୀତି

ପୁରୀ ଅଫିସ, ୧୫।୧୧: ଦୀର୍ଘ ୪ ମାସ ଶୟନ କରିବା ପରେ ମହାପ୍ରଭୁ କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସୋମବାର ନିଦ୍ରାରୁ ଉଠିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଏହି ନୀତିକୁ ହରି ଉତ୍ଥାପନା ଏକାଦଶୀ ନୀତି ବୋଲି କୁହାଯାଏ। ପରମ୍ପରା ଅନୁଯାୟୀ, ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥରେ ମହାପ୍ରଭୁଙ୍କ ହରିଶୟନ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁ ନିଦ୍ରା ଯାଇଥାନ୍ତି। କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ବା ପବିତ୍ର ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁ ନିଦ୍ରାଭଙ୍ଗ କରିଥାନ୍ତି। ସୋମବାର ହରିଉତ୍ଥାପନ ନୀତି ଅବସରରେ ମହାପ୍ରଭୁଙ୍କ ବେଶ ପରେ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ବାଲଧୂପ ଓ ଭୋଗମଣ୍ଡପ ବଢ଼ିଥିଲା। ପରେ ମଇଲମ ହୋଇ ମହାସ୍ନାନ ନୀତି ହୋଇଥିଲା। ଏହାପରେ ସର୍ବାଙ୍ଗ ଚନ୍ଦନ ଲାଗି ନୀତି ସରି ମଧ୍ୟାହ୍ନ ଧୂପ ପୂଜା ବସିଥିଲା। ଭୋଗ ସରି ପାଟଶାଢ଼ି, ଖଣ୍ଡୁଆ ଲାଗି ପରେ ଆଳତି କରାଯାଇଥିଲା। ପରେ ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା। ସନ୍ଧ୍ୟାଧୂପ ପୂଜା ପରେ ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା। ତିନି ଶୟନ ଠାକୁରଙ୍କ ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି, ବେଶ, କର୍ପୂର ଲାଗି ପରେ ବନ୍ଦାପନା ନୀତି ବଢ଼ିଥିଲା। ପୁଷ୍ପାଞ୍ଜଳି, ବନ୍ଦାପନା ନୀତି ସମ୍ପନ୍ନ ପରେ ଠାକୁରଙ୍କ ବାକ୍ସଗୁଡ଼ିକୁ ଯଥାରୀତି ରଖାଯାଇ ସମ୍ପୃକ୍ତ ଘର ଦ୍ୱାରକୁ ମୁଦ ଦିଆଯାଇଥିଲା।

